## ଶୀତରେ ଥରୁଛି କେନ୍ଦୁଝର

କେନ୍ଦୁଝର,(ଦୀପକ ମିଶ୍ର): ବିଗତ କିଛି ଦିନ ଧରି କେନ୍ଦୁଝରରେ ମେଘୁଆ ପାଗ ସାଙ୍ଗକୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସକାଳ ସମୟରେ ପ୍ରବଳ ମାତ୍ରାରେ କୁହୁଡ଼ି ରହୁଛି। କେନ୍ଦୁଝରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ସକାଳ ଓ ସନ୍ଧ୍ୟା ସମୟରେ ଲୋକମାନେ ନିଆଁ ଜଳାଇ ସେକି ହେଉଥିବାର ଦେଖାଯାଉଛି। ବୃଦ୍ଧ ଲୋକମାନେ ଘରୁ ବାହାରକୁ ବାହାରି ପାରୁନାହାନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଶ୍ରୀରାମ ମନ୍ଦିର ଟ୍ରଷ୍ଟ, ବାଲେଶ୍ୱର ପକ୍ଷରୁ ଭୂମି ପୂଜନ, ସ୍ଥାନ- ଶ୍ରୀରାମନଗର, ଗଳାପୋଲ, ସମୟ- ପୂର୍ବାହ୍ନ ୮ଟା।

**କେନ୍ଦୁଝର**

- ପାଟଣା ବ୍ଲକ୍ ସ୍ୱାମ ଶାସନରେ ଅଯୋଧ୍ୟାରୁ ୩୬ ବର୍ଷ ତଳେ ଆସିଥିବା ଶ୍ରୀରାମ ମୂର୍ତ୍ତି ସ୍ୱତନ୍ତ୍ର ପୂଜନ। ସ୍ଥାନ: ପାଟଣା ବ୍ଲକ୍, ସ୍ୱାମ ଶାସନ, ସମୟ: ଅପରାହ୍ନ ୨ ଘଟିକା।
- ପାଟଣା ମୁଖ୍ୟାଳୟ ଆନନ୍ଦେଶ ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀ ରାମ ମନ୍ଦିରରେ ସ୍ୱତନ୍ତ୍ର ପୂଜା।ସ୍ଥାନ: ପାଟଣା ମୁଖ୍ୟାଳୟ, ପୂର୍ବାହ୍ନ ୯.୩୦ ଘଟିକା।

# ପୂରଣ ହେଲା ଖାଲି ପଡ଼ିଥିବା ଡାକ୍ତର ପଦବୀ

## ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲା କ୍ରିୟାନୁଷ୍ଠାନ କମିଟି

ବାଲେଶ୍ୱର,୨୧।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବହୁ ସରକାରୀ ଡାକ୍ତରଖାନାରେ ଦୀର୍ଘଦିନ ଧରି ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଅଭାବ ଥିବାରୁ ରୋଗୀମାନେ ଚିକିତ୍ସା ପାଇବାରେ ଚରମ ଅବହେଳା ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ମଧ୍ୟ ବହୁବାର ସରକାରଙ୍କ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ଆବେଦନ ଓ ନିବେଦନ କରିବା ସହ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିଥିଲା। ବର୍ତ୍ତମାନ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କୁ ଏକ ସାକ୍ଷାତକାରରେ ଜଣାଇଛନ୍ତି। ଏହି ସାକ୍ଷାତକାର ବେଳେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।


ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଆଲୋଚନା କରୁଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବଙ୍କୁ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଉପ-ସଭାପତି ନିରଞ୍ଜନ ରାଉତ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଉପଦେଷ୍ଟା ଇଂ. ବନମାଳୀ ନାୟକଙ୍କ ସମେତ ଯୋଗେନ୍ଦ୍ର ମାହାନ୍ତା ଓ ରବି ପାଣିଗ୍ରାହୀ ସାକ୍ଷାତ କରି ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତରଙ୍କ ଅଭାବ କାରଣରୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚଳିତ ଜାନୁଆରୀ ମାସରେ ବାଲେଶ୍ୱର ଜିଲାର ସମସ୍ତ ସରକାରୀ ଡାକ୍ତରଖାନାରେ ଖାଲିପଡ଼ିଥିବା ମଞ୍ଜୁରୀପ୍ରାପ୍ତ ପଦବୀରେ ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯାଇଛି। ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ବିଭାଗୀୟ ପଦକ୍ଷେପ ଆରମ୍ଭ ହୋଇଛି ବୋଲି ଡା. ଜଗଦେବ ପ୍ରତିନିଧିମାନଙ୍କୁ ଜଣାଇଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଜିଲାରେ ରାଜ୍ୟ ସରକାର ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ଦେଇଥିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୃତଜ୍ଞତା ଜଣାଇବା ସହ ଦୀର୍ଘଦିନ ଧରି ନର୍ସ ପ୍ରଭୃତି ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ରେମୁଣା ମେଡିକାଲ୍ କଲେଜ୍ ସଂଲଗ୍ନ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଓ ସ୍ୱାସ୍ଥ୍ୟସେବା ପାଇଁ ମଞ୍ଜୁରୀପ୍ରାପ୍ତ ଅନ୍ୟାନ୍ୟ ଚିକିତ୍ସାନୁଷ୍ଠାନ ନିର୍ମାଣ କାର୍ଯ୍ୟପାଇଁ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କ୍ରିୟାନୁଷ୍ଠାନ କମିଟି ଆଶା ପ୍ରକାଶ କରିଛି।

# ଖଡ଼ିଆ ଜନଜାତିର ସର୍ଭେ ଦାବି


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀମାନେ।

ବାରିପଦା,୨୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖଡ଼ିଆ ଜନଜାତି ଡେଭଲପମେଣ୍ଟ ଟ୍ରଷ୍ଟର ସଦସ୍ୟମାନେ ପିଏମ୍ ପିଭିଟିଜି ଜନମନ (ପାର୍ଟିକୁଲାରଲି ଭେଲୁଏବୁଲ ଟ୍ରାଇବାଲ ଗ୍ରୁପ) ଯୋଜନାରେ ସାମିଲ କରିବାକୁ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଗୁହାରୀ କରିଛନ୍ତି। କେବଳ ଦୁଇଟି ବ୍ଲକ୍‌ରେ ସର୍ଭେ କରାଯାଇ ଏହାର ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ଅନ୍ୟ ୨୪ଟି ବ୍ଲକ୍‌ରେ ବସବାସ କରୁଥିବା ଖଡ଼ିଆ ଲୋକଙ୍କୁ ସର୍ଭେ କରିବାକୁ ଦାବି କରିଛନ୍ତି। ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ୍‌ରେ ଖଡ଼ିଆ, ମାଙ୍କିଡିଆ ଓ ଲୋଧା ଜନଜାତି ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ମାତ୍ର ଦୀର୍ଘ ଦିନ ଧରି ଖଡ଼ିଆ ଲୋକଙ୍କୁ ସର୍ଭେ କରାଯାଇ ନ ଥିବାରୁ ବହୁ ଲୋକ ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଏପରିକି ଯଶିପୁର ଓ କରଞ୍ଜିଆ ବ୍ଲକ୍‌ରେ ଖଡ଼ିଆ ସମ୍ପ୍ରଦାୟର ଲୋକେ ରହୁଥିବା ନେଇ ଜିଲା ପ୍ରଶାସନ ରିପୋର୍ଟ ପ୍ରଦାନ କରିଛନ୍ତି। ମାତ୍ର ଅନ୍ୟ ସମସ୍ତ ବ୍ଲକ୍‌ରେ ରହୁଥିବା ଖଡ଼ିଆମାନଙ୍କୁ ସର୍ଭେ କରାଯାଇ ନ ଥିବାରୁ ପିଏମ୍ ପିଭିଟିଜି ଜନମନ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ଖଡ଼ିଆଙ୍କ ପ୍ରତି ବୈମାତୃକ ମନୋଭାବକୁ ନେଇ ପ୍ରଶନ୍ନ କୁମାର ଦେହୁରୀ ଓ ସୁକଦେବ ଦେହୁରୀ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଜାତି ପ୍ରତି କୌଣସି ସର୍ଭେ କରାଯାଇ ନାହିଁ ବୋଲି ସାଇବ ଭୋକ୍ରା ଓ ଦୁର୍ଗା ଦେହରୀ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ସର୍ଭେ କରାଯାଇ ଖଡ଼ିଆ ଲୋକମାନଙ୍କୁ ସରକାରୀ ସୁବିଧା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ୭ ବଖରା ଜଳିଗଲା

ସିମୁଳିଆ,୨୧।୧(ସନ୍ତୋଷ ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ମାର୍କୋଣା ପଞ୍ଚାୟତ ଅଧୀନ କଣିଆରି ରାଉଳ ସାହିର ବୁଧିରାମ ରାଉଳଙ୍କ ଘରେ ନିଆଁ ଲାଗି ୭ ବଖରା ପୋଡ଼ିଯାଇଛି। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକେ କହିଛନ୍ତି। ଅଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ୫୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଝାମ୍ପିନେଲେ

ଢେଙ୍କିକୋଟ,୨୧।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ଚିକିଣିଆ ଗ୍ରାମରୁ ଶନିବାର ଦୁର୍ବୃତ୍ତ ଟଙ୍କା ବ୍ୟାଗ ଝାମ୍ପି ନେଇଯାଇଛନ୍ତି। ଗ୍ରାମର ବନମାଳି ନାଏକ ପିପିଲିଆ ଗ୍ରାମ୍ୟ ବ୍ୟାଙ୍କରୁ ୫୧ ହଜାର ୫୦୦ ଟଙ୍କା ଉଠାଇ ଏକ ପଲିଥିନ ବ୍ୟାଗରେ ଧରି ଘରକୁ ଫେରୁଥିଲେ। ଗ୍ରାମ ମୁଣ୍ଡରେ ଦୁଇ ଯୁବକ ବାଇକ୍‌ରେ ଆସି ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇ ଛୁ ମାରିଥିଲେ। ବନମାଳି ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବିଟ୍ ହାଉସ ଅଧିକାରୀ ଘଟଗାଁ ଥାନା ଅଧିକାରୀ ଅଞ୍ଜନ ପାତ୍ର, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇଙ୍କ ଦୃଷ୍ଟି ଆକର୍ଷଣ କରି ଘଟଣାର ଛାନ୍‌ଭିନ ଆରମ୍ଭ କରିଥିଲେ। ଥାନାରେ ଏକ ମାମଲା( ନଂ. ୭୮/୨୪) ରୁଜୁ ହୋଇଛି।

# ୨୫ରୁ ଜିଲା ମହୋତ୍ସବ 'ଭଦ୍ରାୟଣୀ'


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ,୨୧।୧(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ' ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବା ନେଇ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲା କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡିପିଏମ୍ ଓଏଲ୍ଏମ୍ ସଞ୍ଜୟ କୁମାର ବାରିକ୍‌ଙ୍କ ସହ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ମହୋତ୍ସବ ଆୟୋଜନ, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ନିଆଯିବା ଉପରେ ଆଲୋଚନା କରାଯାଇଥିଲା। ବ୍ୟାରିକେଡ୍ ବ୍ୟବସ୍ଥା, ଦିନକୁ ୨ ଥର ସଫେଇ, ଖାଦ୍ୟମେଳା ପାଇଁ ସ୍ୱତନ୍ତ୍ର ଜୋନ୍, ଅଗ୍ନି ନିରାପତ୍ତା, ଷ୍ଟଲଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଥିଲା। ସରକାରୀ ଯୋଜନାରେ ସବ୍‌ସିଡିଯୁକ୍ତ ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରୟ ଓ ଋଣ ଜରିଆରେ ପ୍ରଦାନ ଉପଲକ୍ଷେ ସ୍ୱତନ୍ତ୍ର ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୪୦ଟି ଷ୍ଟଲରେ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ। ସେହିପରି ସ୍ୱୟଂସହାୟକ ଗୋଷ୍ଠୀଙ୍କର ୧୨୦ଟି ଓ ଅନ୍ୟାନ୍ୟ ଷ୍ଟଲ ମିଶି ମୋଟ ୨୨୦ଟି ଷ୍ଟଲ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି।

## ରାସ୍ତାରେ ଓଲଟିଲା ଆଇରନ ବୋଝେଇ ଟ୍ରକ୍

ବାସୁଦେବପୁର, ୨୧।୧ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର- ଧାମରା ରାସ୍ତାର ମଖଲପୁରଠାରେ ରବିବାର ଏକ ଆଇରନ ବୋଝେଇ ଟ୍ରକ୍ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟ୍ରକ୍‌ଟି ଧାମରା ବନ୍ଦର ଆଡ଼କୁ ଯାଉଥିଲା। ଏଥିରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା।

# ଏନ୍‌ସିସି ପରୀକ୍ଷା ଦେଲେ ୧୮୧ ଛାତ୍ରୀଛାତ୍ର



ଯୋଡ଼ା,୨୧।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ସରକାରୀ ଯୋଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଏନ୍‌ସିସି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଅମରେଶ ଚନ୍ଦ୍ର ସେଠୀଙ୍କ ସୂଚନା ଅନୁଯାୟୀ, କେନ୍ଦୁଝର ୧୪ ଓଡ଼ିଶା ବିଏନଏନସିସି ପକ୍ଷରୁ ଆୟୋଜିତ ଏହି ଏନସିସି (ଏ) ସାର୍ଟିଫିକେଟ ୨୦୨୪ ପରୀକ୍ଷାରେ ୬ଟି ବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ଚମ୍ପୁଆ ମହତାବ ହାଇସ୍କୁଲ, ବୋଲାଣି ଡିଏଭି ପବ୍ଲିକ୍ ସ୍କୁଲ, ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଟକାମବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ବିଲ ଜିନ୍ଦଲ ହାଇସ୍କୁଲ ଓ ଯୋଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୮୧ ଜଣ ସମର ଶିକ୍ଷ୍ୟାର୍ଥୀ ଏହି ପରୀକ୍ଷା ଦେଇଥିଲେ। ଯୋଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍କୁଲ ପରିସରରେ ଏହି ପରୀକ୍ଷା ହୋଇଥିଲା। ଦୁଇ ମାସ ପରେ ପରୀକ୍ଷାର ଫଳାଫଳ ପ୍ରକାଶିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରତିଯୋଗିତାରେ ଭାଗନେଲେ ୨୫୬ ଛାତ୍ରୀଛାତ୍ର

ଖଇରା,୨୧।୧(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକର ସର୍ବବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୁଲ୍ୟରେ ରବିବାର ଦିନ ବ୍ଲକ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଖଇରା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବାଣିଜ୍ୟ ବିଭାଗ ଅଧ୍ୟାପକ ଯୁଗଳ କିଶୋର ଗାହାଣ ଉଦଘାଟନ କରିଥିଲେ। ଜୁନିୟର ସିନିୟର ଓ ସବଜୁନିୟର ସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ, ବୁଦ୍ଧିପରୀକ୍ଷା, ପ୍ରବନ୍ଧ, ତର୍କ ଇତ୍ୟାଦି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୫୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଦାସ, ବିଭୂତିଭୂଷଣ ତ୍ରିପାଠୀ, ଡା. ହରେକୃଷ୍ଣ ରାଉତ, ସରଗମ ସତ୍ୟବ୍ରତ ସାହୁ, ବିମନ ବାରିକ, ରିତାରାଣୀ ଦାସ, କୁଞ୍ଜଲତା ମାହୁନ୍ତ, ରଘୁନାଥ ପତ୍ରୀ, ଚିନ୍ମୟୀ ମହାପାତ୍ର, ପୁଷ୍ପଲତା ଯାଦବ, ରଥଚନ୍ଦ୍ର ସୁତାର, ସଙ୍କୀର୍ତ୍ତନ ପଣ୍ଡା, ନିରାନନ୍ଦ ମିଶ୍ର, କୈଳାସ ଚନ୍ଦ୍ର ବେହେରା,ଶଶିକାନ୍ତ ଦାସ,ବଳରାମ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ଫେବୃଆରୀ ୯ ଏବଂ ୧୦ ତାରିଖରେ ଆୟୋଜିତ ହେବାକୁ ଥିବା ବାର୍ଷିକୋତ୍ସବରେ ଉକ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।

## ଶୁଦ୍ଧିକ୍ରିୟା କାର୍ଯ୍ୟରେ ସହାୟତା କଲା ଭରସା ପରିବାର

ପାଟଣା,୨୧।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଏରେଣ୍ଡେଇ ଗ୍ରାମର ଦନାର ନାଏକଙ୍କ ସ୍ତ୍ରୀ ବୁଧୁନିଙ୍କ ୯ ଦିନ ପୂର୍ବେ ମୃତ୍ୟୁ ଘଟିଥିଲା। ଶୁଦ୍ଧିକ୍ରିୟା କରିବାକୁ ଦନାର ଅସମର୍ଥ ହୋଇ ଭରସା ପରିବାରର ସହାୟତା ଲୋଡ଼ିଥିଲେ। ଭରସା ପରିବାରର ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ବ୍ଲକ୍ ସଭାପତି ଭରତ ଚନ୍ଦ୍ର ମହାନ୍ତ ଅସହାୟଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ରବିବାର ପାଟଣାର ସମସ୍ତ କର୍ମକର୍ତ୍ତା ଦନାରଙ୍କ ଘରେ ପହଞ୍ଚି ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ନୂତନ ବସ୍ତ୍ର ଆଦି ଦଶାହ କ୍ରିୟା ପାଇଁ ପ୍ରଦାନ ଥିଲେ। ସମ୍ପାଦକ ବାପୁନ ମହାନ୍ତ, ଲଳିତ ମୋହନ ଗିରି, ମୃତ୍ୟୁଞ୍ଜୟ ପ୍ରଧାନ, ରାବଣେଶ୍ୱର ମୁଣ୍ଡା, ସୁମନ୍ତ ବାରିକ, ତୁଳସୀରାମ ମହାନ୍ତ, ସୁନୀଲ ପାତ୍ର, ଅବିନାଶ ମହାକୁଡ଼, ମମତାମୟୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ କର୍ମୀ

ତିହିଡ଼ି,୨୧।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଲଣାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଐଶାନ୍ୟଚଣ୍ଡି ମଣ୍ଡଳ ସଭାପତି ପ୍ରମୋଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବା ତାଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ବରିଷ୍ଠ ନେତା ସମୀର ଦାସ, ଅକ୍ଷୟ ଚଢେଇ, ରବୀନ୍ଦ୍ର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାରୋ ପଞ୍ଚାୟତ ୧୫ ନଂ. ୱାର୍ଡର କାଳନ୍ଦୀ ମଲିକଙ୍କ ସମେତ ବିଲଣାର ପ୍ରଦୀପ କୁମାର ସାହୁ, ସୁକୁମାର ସାହୁ, ଧର୍ମେନ୍ଦ୍ର ନାୟକ, ପ୍ରକାଶ ବେହେରା, ରମେଶ ମଲିକ, ମାୟାଧର ମଲିକ, ବନମାଳୀ ମଲିକ, ସୁଶାନ୍ତ ମଲିକ ପ୍ରମୁଖ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ବିଧାୟକ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।


ଭାଜପାର ମିଶ୍ରଣ ପର୍ବରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ନୂତନ କର୍ମୀ ଓ ଅନ୍ୟମାନେ।

# ୨ବର୍ଷ ପରେ ବାଲେଶ୍ୱରରୁ ବସ୍ କଣ୍ଡକ୍ଟର ଗିରଫ

## ରାଜଧାନୀରେ ଦ୍ୱିତୀୟ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଘଟଣା

ଭୁବନେଶ୍ୱର,୨୧।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ସ୍ୱାମୀ ତଥା ବସ୍ କଣ୍ଡକ୍ଟରଙ୍କୁ ୨ବର୍ଷ ପରେ କମିଶନରେଟ୍ ପୋଲିସ ବାଲେଶ୍ୱରରୁ ଗିରଫ କରିଛି। ସେ ହେଲେ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ଭଦ୍ରକ ଜିଲା ନାୟକାଣିଡିହି ଥାନା ଅଧୀନ ହେବେଲିସାହି ଗ୍ରାମର ସମରେନ୍ଦ୍ର ବିଶ୍ୱାଳ (୫୩)। ତାଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମରେନ୍ଦ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସ୍ୱାସ୍ଥ୍ୟ ପରୀକ୍ଷା କଲେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ

ବାଲେଶ୍ୱର,୨୧।୧(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ମାଣିଖମ୍ବସ୍ଥିତ ଟାଉନ ହାଇସ୍କୁଲ ପରିସରରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରିୟା ଫାଉଣ୍ଡେସନର ମିଳିତ ସହଯୋଗ କ୍ରମେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମସ୍‌ର କର୍କଟ ରୋଗ ବିଭାଗ ଆସୋସିଏଟ ପ୍ରଫେସର ଡା. ସୌରଭ କୁମାର ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶରେ ମାଗଣାରେ ଔଷଧ ମଧ୍ୟ ନେଇଥିଲେ। ଫାଉଣ୍ଡେସନ୍‌ର ମୁଖ୍ୟ ଲିଲି ଜେନାମଣିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟତଃ ଲୋକମାନଙ୍କର ରକ୍ତଚାପ, ମଧୁମେହ, ଓଜନ, ହେପାଟାଇଟିସ୍ ଆଦି ପରୀକ୍ଷା ନିରୀକ୍ଷା କରାଯାଇଥିଲା। ବିଭିନ୍ନ ସଂସ୍ଥାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ସ୍ୱାସ୍ଥ୍ୟସେବା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

# ଜେଜିଏକ୍ସଆଇ ଚାମ୍ପିୟନ


ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ରେଫରୀ ଓ କ୍ରୀଡ଼ାବିତ୍‌ମାନେ।

## ମା' ତାରିଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ

ଢେଙ୍କିକୋଟ,୨୧।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପଇଦାପାଟଣା ପଞ୍ଚାୟତ, ପଇଦାପାଟଣା ମା' ତାରିଣୀ ଯୁବକ ସଂଘ ପକ୍ଷରୁ ଚାଲିଥିବା ବାର୍ଷିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଫୁଟବଲ ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଜେଜିଏକ୍ସଆଇ(ଯଶୋବନ୍ତ ଗୁରୁ ୧୧) ଓ ମା' ତାରିଣୀ ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଜେଜିଏକ୍ସଆଇ ୩-୦ ଗୋଲରେ ମା' ତାରିଣୀ କ୍ଲବ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିବରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ସମ୍ମାନିତ ଅତିଥିଭାବେ ପଇଦାପାଟଣା ପଞ୍ଚାୟତର ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଅବସରପ୍ରାପ୍ତ ସୈନିକ ଭୋଳାନାଥ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ପ୍ରତିଜ୍ଞା ଫାଉଣ୍ଡେସନର ମୁଖ୍ୟ ରାକେଶ ବାରିକ, କଟକ କୁଇନ ବିୟୁଟି ପାର୍ଲରର ମାଲିକାଣି ମମତା ବେହେରା, ଶିକ୍ଷକ ଖଗେଶ୍ୱର ମହାନ୍ତ, ନିରୋଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟସ୍ତରୀୟ ଫୁଟବଲ ଆସୋସିଏସନ ସ୍ୱୀକୃତୀପ୍ରାପ୍ତ ରେଫରୀ ସଙ୍କର୍ଷଣ ନାଏକ ଖେଳ ପରିଚାଳନା କରିଥିଲେ। ସନ୍ତୋଷ ମହାକୁଡ଼, ବେଣୁଧର ଗାଗରାଇ, ସଞ୍ଜୟ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମା' ତାରିଣୀ ଯୁବକ ସଂଘର ସଭାପତି ଟିକନ ନାୟକ, ସମ୍ପାଦକ ହୃଷିକେଶ ମହାନ୍ତଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ପରିଚାଳନା କରିଥିଲେ।

# 'ଅନୁଷ୍ଠାନପ୍ରେମୀ ଥିଲେ କବି ରାଧାଶ୍ୟାମ ପଣ୍ଡା'

## ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଔପଦା,୨୧।୧(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନସ୍ଥିତ ଲୋକନାଥ ପାଠାଗାରର ପ୍ରତିଷ୍ଠାତା କବି ରାଧାଶ୍ୟାମ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମରଣିକା 'ମୃତ୍ୟୁଞ୍ଜୟୀ ରାଧାଶ୍ୟାମ' ଲୋକାର୍ପିତ ହୋଇଛି। ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ସାଭାପତିତ୍ୱ କରିଥିଲେ। ଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ସ୍ୱର୍ଗତ ପଣ୍ଡା ଜଣେ ଅନୁଷ୍ଠାନ ପ୍ରେମୀ ସହିତ ଦରଦୀ ବନ୍ଧୁ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜ ମୋହନ ମିଶ୍ର, ସମ୍ମାନୀତ ଅତିଥି ଅବସର ପ୍ରାପ୍ତ ଶିକ୍ଷକ ନରହରୀ ମହାନ୍ତି. ବରେଣ୍ୟ ଅତିଥି ଭାବେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସୁବର୍ଣ୍ଣଶ୍ରୀର ସମ୍ପାଦକ କାଳୀପଦ ପଣ୍ଡା, ଧ୍ୱନୀ ପ୍ରତିଧ୍ୱନୀର ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗଦେଇଥିଲେ। ଏହି ଅବସରରେ ଆଦର୍ଶ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ସ୍ତ୍ରୀ ସରସ୍ୱତୀ ପଣ୍ଡା ଅସହାୟମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ବଳରାମ ପଣ୍ଡା,ଅକ୍ଷୟ କୁମାର ପଣ୍ଡା,ସଞ୍ଜୟ କୁମାର ପଣ୍ଡା,ଧନଞ୍ଜୟ ପଣ୍ଡା,ସନ୍ତୋଷ କୁମାର ପଣ୍ଡା,ଉଦୟ କୁମାର ପଣ୍ଡା, ପ୍ରିୟବ୍ରତ ମିଶ୍ର, ହରିଶ୍ଚନ୍ଦ୍ର ପଣ୍ଡା ଓ ରାଧାଶ୍ୟାମ ସ୍ମୃତି ପରିଷଦର କର୍ମକର୍ତ୍ତାଙ୍କ ସମେତ ପରିବାର ବର୍ଗ ଓ ଗ୍ରାମବାସୀ ଦିବସ ବ୍ୟାପି କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ବଡ଼ପୁଅ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

